# NATIONAL NEWS BULLETIN (ODIA)

## 5 August - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଜାମ୍ମୁ-କାଶ୍ମୀର ଏବଂ ଲଦାଖବାସୀଙ୍କର ଆଶା ଓ ଆକାଂକ୍ଷାକୁ ଆଗାମୀ ଦିନରେ ପୂରଣ କରିବା ଦିଗରେ ସରକାରଙ୍କର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- କେନ୍ଦ୍ର ସରକାର ସ୍ୱାସ୍ଥ୍ୟକ୍ଷେତ୍ର ସମ୍ପର୍କିତ ବଜେଟ୍ ବ୍ୟୟବରାଦ ଗତ ୧୦ ବର୍ଷ ମଧ୍ୟରେ ୧୬୪ ପ୍ରତିଶତ ବୃଦ୍ଧି କରିଛନ୍ତି – କହିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା ।
- ତାମିଲନାଡୁରେ ଆସନ୍ତାକାଲିଠାରୁ  ୩୦ଟି ଦେଶକୁ ନେଇ ଆରମ୍ଭ ହେଉଛି ସାମରିକ ଅଭ୍ୟାସ’ ତରଙ୍ଗ ଶକ୍ତି-୨୦୨୪ ।

ଏବଂ

- ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ମହିଳା ଟେବୁଲ ଟେନିସ୍ ଦଳ ପ୍ରବେଶ କଲେ କ୍ୱାର୍ଟର ଫାଇନାଲରେ ।

# ପିଏମ୍– ଆର୍ଟିକିଲ୍ ୩୭୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜାମ୍ମୁ-କାଶ୍ମୀର ଏବଂ ଲଦାଖବାସୀଙ୍କର ଆଶା ଓ ଆକାଂକ୍ଷାକୁ ଆଗାମୀ ଦିନରେ ପୂରଣ କରିବା ଦିଗରେ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ୨୦୧୯ ଅଗଷ୍ଟ ୫ ତାରିଖ ଦିନ ଜାମ୍ମୁକାଶ୍ମୀରରୁ ୩୭୦ ଏବଂ ୩୫ (ଏ) ଧାରାକୁ ଉଚ୍ଛେଦ କରିବା ଲାଗି ସଂସଦ ନିଷ୍ପତ୍ତି ନେଇଥିଲା । ଯାହାକି ଦେଶର ଇତିହାସରେ ସର୍ବଦା ସ୍ମରଣୀୟ ହୋଇ ରହିବ । ଜାମ୍ମୁକାଶ୍ମୀର ଏବଂ ଲଦାଖର ପ୍ରଗତି ଏବଂ ସମୃଦ୍ଧି ପଥରେ ଏହା ଏକ ନୂତନ ଯୁଗର ଅୟମାରମ୍ଭ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସମ୍ବିଧାନକୁ ଯେଉଁ ଲକ୍ଷ୍ୟ ନେଇ ବିଦ୍ୱାନ ବ୍ୟକ୍ତିମାନେ ପ୍ରଣୟନ କରିଥିଲେ ଏହି ସବୁ ଜାଗାରେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ । ଏହି ସବୁ ଧାରା ଉଚ୍ଛେଦ ଦ୍ୱାରା ସେଠାକାର ସୁରକ୍ଷା ଏବଂ ସାର୍ବଭୌମତ୍ୱ ରକ୍ଷା କରାଯିବା ସହିତ ମହିଳା, ଯୁବବର୍ଗ, ପଛୁଆବର୍ଗ, ଆଦିବାସୀ ସମ୍ପ୍ରଦାୟ ଏବଂ ଅବହେଳିତ ବର୍ଗଙ୍କୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ।  ସେହିଭଳି ଦଶନ୍ଧି ଦଶନ୍ଧି ଧରି ଜାମ୍ମୁ-କାଶ୍ମୀରରେ ବିଭିନ୍ନ କ୍ଷେତ୍ରରେ ଦେଖାଦେଇଥିବା ଦୁର୍ନୀତି ମଧ୍ୟ ଏହାଦ୍ୱାରା ସମ୍ପୂର୍ଣ୍ଣ ବିଲୋପ ହୋଇପାରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

# ପିଏମ୍-ଇଲେକ୍ଟ୍ରୋନିକ୍ସ

ବିଶ୍ୱରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନୀ କରୁଥିବା ଶ୍ରେଷ୍ଠ ତିନୋଟି ଦେଶ ମଧ୍ୟରେ ଭାରତ ସ୍ଥାନ ପାଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଓ ଯୋଗାଯୋଗ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଏ ସମ୍ପର୍କିତ ଏକ ପୋଷ୍ଟର ଉତ୍ତରରେ ସେ ଏହା କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଦେଶର ଅଭିନବ ଯୁବଶକ୍ତିଙ୍କର ପ୍ରତିଭା ଯୋଗୁଁ ଭାରତ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଆଜି ଏହି ସଫଳତା ପାଇପାରିଛି। ଆଗାମୀ ଦିନରେ ଏହି ଯାତ୍ରା ବଜାୟ ରଖିବା ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଏଲ୍ଏସ୍-ହେଲ୍ଥ ବଜେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସ୍ୱାସ୍ଥ୍ୟକ୍ଷେତ୍ର ଉପରେ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା କହିଛନ୍ତି। ଆଜି ଲୋକସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ମନ୍ତ୍ରଣାଳୟର ଅନୁଦାନ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ସେ ଏହା କହିଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି, ୨୦୧୩-୧୪ ମସିହାରେ ୟୁପିଏ ସରକାରଙ୍କ ଅମଳରେ ବଜେଟ୍‌ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଲାଗି ୩୩ ହଜାର ୨୭୮ କୋଟି ଟଙ୍କା ବ୍ୟୟବରାଦ କରାଯାଉଥିବା ବେଳେ ୨୦୨୪ ମସିହାରେ ଏହି ପରିମାଣ

ପ୍ରାୟ ୧୬୪ ପ୍ରତିଶତ ବୃଦ୍ଧି ପାଇ ୯୦ ହଜାର ୯୫୮ କୋଟି ଟଙ୍କାରେ ପହଁଞ୍ଚିଛି। ସମଗ୍ର ବଜେଟ୍‌ର ୫୫ ପ୍ରତିଶତ ଅର୍ଥ ଜାତୀୟ ସ୍ୱାସ୍ଥ୍ୟ ମିଶନ ମାଧମରେ ଖର୍ଚ୍ଚ କରାଯିବ। ସରକାର ବଜେଟ୍‌ରେ ସ୍ୱାସ୍ଥ୍ୟ କ୍ଷେତ୍ର ଲାଗି ବଜେଟ୍ ବ୍ୟୟବରାଦକୁ କ୍ରମଶଃ ବୃଦ୍ଧି କରୁଛନ୍ତି। ବର୍ତ୍ତମାନ ଏହା ସାମଗ୍ରୀକ ଘରୋଇ ଉତ୍ପାଦର ୧ ଦଶମିକ ୯ ପ୍ରତିଶତ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ସେ କହିଛନ୍ତି, ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ ହେବା ଦ୍ୱାରା ଔଷଧ ବଣ୍ଟନ ଓ ବିଭିନ୍ନ ରୋଗ ଚିହ୍ନଟ ସହିତ ପରୀକ୍ଷା କରିବା ଆଦି ମାଗଣାରେ କରାଯାଉଛି। ଯାହାଦ୍ୱାରା କି ହିତାଧିକାରୀଙ୍କର ଏ ବାବଦର ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି। ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ  ମୋଦୀ ସରକାର ଦେଶବ୍ୟାପୀ ମୋଟ୍ ୨୨ଟି ଏମ୍ସ ପ୍ରତିଷ୍ଠା ଲାଗି ଅର୍ଥ ମଞ୍ଜୁର କରିଥିବାବେଳେ ସେଥିମଧ୍ୟରୁ ୧୮ଟି କାର୍ଯ୍ୟକ୍ଷମ ହୋଇଛି ଏବଂ ଅନ୍ୟ ୪ଟି ନିର୍ମାଣଧୀନ ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଲୋକସଭାରେ କହିଛନ୍ତି।

## ଏଲ୍‌ଏସ୍- ଅନ୍‌ଅର୍ଗନାଇଜଡ୍ ପେନସନ୍

ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ବନ୍ଧନ ଯୋଜନା ଅଧୀନରେ ଗତମାସ ଶେଷସୁଦ୍ଧା ଅଣସଂଗଠିତ କ୍ଷେତ୍ରର ୫୦ ଲକ୍ଷରୁ ଉର୍ଦ୍ଧ୍ୱ  ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରମ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଏହି ସୂଚନା

ଦେଇଛନ୍ତି। ସେ କହିଛନ୍ତି, ୨୦୧୯ ଫେବୃଆରୀ ମାସରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା। ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୮ରୁ ୪୦ ବର୍ଷ ବୟସ୍କ ଶ୍ରମିକମାନଙ୍କର  ବାର୍ଦ୍ଧକ୍ୟ ସମୟରେ ଆର୍ଥିକ ସହାୟତା ଯୋଗାଇ ଦେବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନା ଅଧୀନରେ ହରିୟାଣାରେ ସର୍ବାଧିକ ୮ ଲକ୍ଷ ୨୫ ହଜାର ଏହି କ୍ଷେତ୍ରର ଶ୍ରମିକ ପଞ୍ଜୀକୃତ ହୋଇଥିବା ସମୟରେ ଉତ୍ତରପ୍ରଦେଶରେ ୬ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ଏବଂ ମହାରାଷ୍ଟ୍ରରେ ୬ ଲକ୍ଷ ୧୦ ହଜାରରୁ ଅଧିକ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି ବୋଲି ଶ୍ରୀମତୀ କରନ୍ଦଲାଜେ କହିଛନ୍ତି।

# ଆଇଏଏଫ୍- ତରଙ୍ଗଶକ୍ତି

ତାମିଲନାଡୁର ସୁଲାର ଠାରେ ଆସନ୍ତାକାଲିଠାରୁ  ବହୁ ଦେଶୀୟ ବାୟୁସେନା ସାମରିକ ଅଭ୍ୟାସ ତରଙ୍ଗ ଶକ୍ତି-୨୦୨୪ ଆରମ୍ଭ ହେଉଛି। ଭାରତ ପ୍ରଥମଥର ଲାଗି ପ୍ରାୟ ୩୦ଟି ଦେଶକୁ ନେଇ ଏଭଳି ମିଳିତ ସାମରିକ ଅଭ୍ୟାସ ଆୟୋଜନ କରୁଛି। ଏଥିରେ ଅଂଶଗ୍ରହଣକାରୀ ଦେଶମାନଙ୍କ ମଧ୍ୟରୁ ୧୦ଟି ଦେଶ ନିଜର ଯୁଦ୍ଧ ବିମାନର କାର୍ଯ୍ୟଶୈଳୀ ପ୍ରଦର୍ଶନ କରିବେ। ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ  ବାୟୁସେନାର ଉପାଧ୍ୟକ୍ଷ ଏୟାର ମାର୍ଶାଲ ଏ.ପି.ସିଂ କହିଛନ୍ତି, ଆସନ୍ତାକାଲିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ମିଳିତ ସାମରିକ ଅଭ୍ୟାସର ପ୍ରଥମ ପର୍ଯ୍ୟାୟ ସୁଲାରଠାରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଚଳିତ

ମାସ ୨୯ ତାରିଖରୁ ସେପ୍ଟେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଯୋଧପୁରରେ ଅନୁଷ୍ଠିତ ହେବ। ଏହି ସାମରିକ ଅଭ୍ୟାସରେ ଅଷ୍ଟ୍ରେଲିଆ, ବାଂଲାଦେଶ, ଫ୍ରାନ୍ସ, ଜର୍ମାନୀ, ଗ୍ରୀସ୍, ସ୍ପେନ୍, ସଂଯୁକ୍ତ ଆରବ ଏମିରେଟ୍ସ, ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା ଓ ସିଙ୍ଗାପୁର ନିଜର ଯୁଦ୍ଧ ଜାହାଜ ସହିତ ଭାଗ ନେଉଥିବା ବେଳେ ୧୮ଟି ରାଷ୍ଟ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ ବୋଲି ଏୟାର ମାର୍ଶାଲ ଶ୍ରୀ ସିଂ କହିଛନ୍ତି। ସେ କହିଛନ୍ତି, ଭାରତ ଏହି ଅବସରରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ ଯୁଦ୍ଧ ଜାହାଜ ଏବଂ ପ୍ରତିରକ୍ଷା ସାମଗ୍ରୀ ପ୍ରଦର୍ଶନ କରିବ। ସେଥିମଧ୍ୟରେ ତେଜସ୍, ରାଫେଲ, ମିରେଜ-୨୦୦୦, ଜାଗୁଆର, ମିଗ୍-୨୯ ଆଦି ଅନ୍ତର୍ଭୁକ୍ତ। ଏହି ସାମରିକ ଅଭ୍ୟାସରେ ଅଂଶଗ୍ରହଣ କରିବା ଲାଗି ଭାରତ ୫୦ରୁ ଊର୍ଦ୍ଧ୍ୱ ଦେଶକୁ ନିମନ୍ତ୍ରଣ କରିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ। ଆଜିର ବିଷୟବସ୍ତୁ ରହିଛି 'ଦକ୍ଷ ଭାରତ ଲାଗି ସରକାରଙ୍କର ପ୍ରଚେଷ୍ଟା' । ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରି ଏବଂ ଜାତୀୟ ଦକ୍ଷତା ବିକାଶ ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଦମଣି ତିୱାରି ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର

ଦେବେ। କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ପ୍ରଶ୍ନ ପଚାରିବେ। ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ନିଜ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

# ବାଂଲାଦେଶ ଭାଓଲେନ୍ସ

ବାଂଲାଦେଶରେ ଚାଲିଥିବା ଛାତ୍ର ଆନ୍ଦୋଳନ ଏବଂ ହିଂସାକାଣ୍ଡ ଯୋଗୁଁ ଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଇସ୍ତଫା ଦେଇଥିବା ସମ୍ପର୍କିତ ଖବର ବିଭିନ୍ନ ଗଣମାଧମରୁ ଜଣାପଡ଼ିଛି। ଢାକାସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଗଣଭବନ ମଧ୍ୟକୁ ଶତାଧିକ ଆନ୍ଦୋଳନକାରୀ ଧସେଇ ପଶିବା ଫଳରେ ଶେଖ୍ ହସିନା ଏକ ସାମରିକ ହେଲିକପ୍ଟର ଯୋଗେ ଏକ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିବା ମଧ ଏହି ରିପୋର୍ଟରେ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ଦେଶ ଚଳାଇବା ଲାଗି ସେଠାରେ ଏକ ଅନ୍ତରୀଣ ସରକାର ଗଠନ କରାଯିବ ବୋଲି ବାଂଲାଦେଶ ସେନାଧକ୍ଷ ଜେନେରାଲ ୱାକର ଉଜ୍ ଜମାନ ଘୋଷଣା

କରିଛନ୍ତି।  ଆଜି ଟେଲିଭିଜନ ମାଧ୍ୟମରେ ଉଦ୍‌ବୋଧନ ଦେଇ ଜେନେରାଲ ଜମାନ ବର୍ତ୍ତମାନ ପରିସ୍ଥିତିରେ ଶାନ୍ତି ବଜାୟ ରଖିବା ସହିତ ଧୈର୍ଯ୍ୟ ଧରିବାକୁ ଆହ୍ୱାନ ଦେଇଛନ୍ତି। ଗତକାଲି ବାଂଲାଦେଶରେ ପୋଲିସ ସହିତ ଧର୍ମଘଟକାରୀଙ୍କର ସଂଘର୍ଷ ଯୋଗୁଁ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ସହିତ ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାଯାଇଛି। ୧୯୭୧ ମସିହାରେ ପାକିସ୍ତାନଠାରୁ ବାଂଲାଦେଶ ସ୍ୱାଧୀନ ହେବା ସମୟରେ ହୋଇଥିବା ଯୁଦ୍ଧରେ ମୃତ୍ୟୁ ହୋଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କର ଆତ୍ମୀୟସ୍ୱଜନ ମାନଙ୍କ ଲାଗି ସେଠାକାର ସରକାରୀ ଚାକିରିରେ ରହିଥିବା ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ଶିକ୍ଷାର୍ଥୀମାନେ ଆନ୍ଦୋଳନ କରିଆସୁଅଛନ୍ତି।  ଏହା ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କର ଆଓ୍ୱାମୀ ଲିଗ୍ ପାର୍ଟିର ସମର୍ଥକମାନଙ୍କୁ ସୁହାଉଛି ବୋଲି ଆନ୍ଦୋଳନକାରୀମାନେ ଯୁକ୍ତି ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରି ସବୁ କ୍ଷେତ୍ରରେ ଯୋଗ୍ୟତାକୁ ଆଧାର କରି ନିଯୁକ୍ତି ଦେବା ଲାଗି ସେମାନେ ଦାବି କରିଛନ୍ତି।

୧୯୭୨ ମସିହାରେ ଏହି ସଂରକ୍ଷଣ ବ୍ୟବସ୍ଥା ସେଠାରେ ଲାଗୁ ହୋଇଥିଲା। ୨୦୧୮ ମସିହାରେ କିଛି ମାତ୍ରାରେ ଏହାକୁ ଉଚ୍ଛେଦ କରାଯାଇଥିଲା। ତେବେ ଗତମାସରେ ସେଠାକାର ସର୍ବୋଚ୍ଚ ଅଦାଲତ ସ୍ୱାଧୀନତା ସଂଗ୍ରାମରେ ମୃତକଙ୍କର ଆତ୍ମୀୟସ୍ୱଜନଙ୍କ ଲାଗି ଉଦ୍ଦିଷ୍ଟ ୩୦

ପ୍ରତିଶତ ସଂରକ୍ଷକୁ ୫ ପ୍ରତିଶତକୁ ହ୍ରାସ କରିବା ପରେ ଏହି ଆନ୍ଦୋଳନ କିଛିଟା ଶାନ୍ତ ପଡ଼ିଥିଲା। ତେବେ ଗତ ମାସରେ ସେଠାରେ ହୋଇଥିବା ଆନ୍ଦୋଳନ ସମୟରେ ସରକାର ଗିରଫ କରିଥିବା ଛାତ୍ର ନେତାମାନଙ୍କୁ ତୁରନ୍ତ ଖଲାସ କରିବା ସହିତ ପ୍ରଧାନମନ୍ତ୍ରୀଙ୍କର ଇସ୍ତଫା ପ୍ରଦାନ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଆସୁଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ୟାରିସ ଅଲିମ୍ପିକ୍ସ

ଏଥର ନଜର ପକାଇବା ଅଲିମ୍ପିକ୍ସ ସମ୍ପର୍କିତ କିଛି ଖବର ଉପରେ।

ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ମହିଳା ଟେବୁଲ ଟେନିସ୍ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମନିକା ବାତ୍ରା, ଶ୍ରୀଜା ଆକୁଲା ଓ ଅର୍ଚ୍ଚନା କାମାଥଙ୍କୁ ନେଇ ଗଠିତ ଏହି ଭାରତୀୟ ଦଳ ରୋମାନିଆକୁ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୩-୨ରେ ପରାସ୍ତ କରିଛି।

ସେହିପରି ୬୮ କିଲୋଗ୍ରାମ ଫ୍ରି ଷ୍ଟାଇଲ୍ କୁସ୍ତି ପ୍ରତିଯୋଗିତାରେ ନିଶା ଦାହିଆ ୟୁକ୍ରେନ୍‌ର ଟି. ସୋଭାକୁ ପରାସ୍ତ କରି କ୍ୱାର୍ଟର ଫଇନାଲକୁ ଉନ୍ନୀତ ହୋଇଛନ୍ତି।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗିଲ୍ସ ବ୍ୟାଡମିଣ୍ଟନ ବର୍ଗରେ ବ୍ରୋଞ୍ଜ ମେଡାଲ ଲାଗି ଭାରତର ଲକ୍ଷ୍ୟସେନ ମାଲେସିଆର ଜି ଜିଆ ଲିଙ୍କ ମଧ୍ୟରେ ମୁକାବିଲା ଜାରି ରହିଛି ।

ସେହିଭଳି ସୁଟିଂର ମିକ୍ସଡ ଟି ସ୍କିଟ୍ ବର୍ଗରେ ଭାରତୀୟ ଯୋଡ଼ି ମାହେଶ୍ୱରୀ ଚୌହ୍ୱାନ ଏବଂ ଅନନ୍ତଜିତ ସିଂ ନାରୁକାଙ୍କ ଯୋଡ଼ି ବ୍ରୋଞ୍ଜ ପଦକ ପାଇବା ଲାଗି ବିବେଚିତ ହୋଇଛନ୍ତି । ଏହି ଯୋଡ଼ିର ବର୍ତ୍ତମାନ ଚୀନ୍‌ର ଜେ ଏଲ୍ ଲ୍ୟୁ ଏବଂ ଓ୍ୱାଇ ଟି  ଜିଆଙ୍ଗ ଯୋଡ଼ିଙ୍କ ସହିତ ମୁକାବିଲା ଜାରି ରହିଛି ।